ସମ୍ବାଦ SAMBAD
୨୨ ଜୁନ୍ ୨୦୧୬

### ଭୁବନେଶ୍ୱର ଆଇଆଇଟି

# ପ୍ରତିଷ୍ଠା ହେଲା 'ଷ୍ଟାର୍ଟ୍ଅପ୍ ସେଣ୍ଟର୍'

ଭୁବନେଶ୍ୱର,୨୧।୬(ଇମିସ): ଭୁବନେଶ୍ୱର ଆଇଆଇଟିରେ ଯୋଡ଼ି ହୋଇଛି ଆଉ ଏକ ସଫଳତାର ଫର୍ଦ୍ଦ। ପ୍ରଥମ ଥର ପାଇଁ କ୍ୟାମ୍ପସ୍‌ରେ ପ୍ରତିଷ୍ଠା ହୋଇଛି 'ଷ୍ଟାର୍ଟ୍ଅପ୍ ସେଣ୍ଟର'। ଯେଉଁଠାରେ ନୂତନ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବା ସହ ସେମାନଙ୍କ ତାଲିମ ପାଇଁ ବ୍ୟବସ୍ଥା କରାଯିବ। ପ୍ରଥମ ବର୍ଷରେ ୧୦ ଜଣ ଉଦ୍ୟୋଗୀଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ ରଖାଯାଇଛି।

- କେନ୍ଦ୍ର ସରକାର ଯୋଗାଇଦେଲେ ୧.୫ କୋଟି
- ୭୫ କୋଟିର ଗବେଷଣା ଓ ଉଦ୍ୟୋଗୀ ପାର୍କ ପ୍ରସ୍ତାବ

ଆଇଟିଆଇ ସମେତ ରାଜ୍ୟରେ ଥିବା ଯେକୌଣସି ଶିକ୍ଷାନୁଷ୍ଠାନରୁ ସ୍ନାତକୋତ୍ତର ପାସ୍ କରୁଥିବା ଛାତ୍ରଛାତ୍ରୀଙ୍କୁ 'ଷ୍ଟାର୍ଟ୍ଅପ୍ ସେଣ୍ଟର'ରେ ତାଲିମ ପ୍ରଦାନ କରାଯିବ। କେନ୍ଦ୍ର ବିଜ୍ଞାନ ଓ ବୈଷୟିକ ଜ୍ଞାନ ମନ୍ତ୍ରାଳୟ ଏବଂ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ଏହି ସେଣ୍ଟର୍ ପାଇଁ ୧.୫୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ନୂତନ ଭାବେ ଉଦ୍ୟୋଗ ପ୍ରତିଷ୍ଠା କରୁଥିବା ଚାହୁଁଥିବା ଯୁବପିଢ଼ି ଏଥିରେ ଆବେଦନ କରିପାରିବେ। ଛାତ୍ରଛାତ୍ରୀ ସେମାନଙ୍କ ଉଦ୍ୟୋଗର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ଆଇଆଇଟି କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବେ।

ପ୍ରଥମ ବର୍ଷରେ ଯେତିକି ପ୍ରସ୍ତାବ ଆସିଥିବ ସେଥି ମଧ୍ୟରୁ ୧୦ଟି ଶ୍ରେଷ୍ଠ ପ୍ରସ୍ତାବକୁ ଚୟନ କରାଯାଇ ଜଣଙ୍କ ପିଛା ୨.୫ ଲକ୍ଷ ଟଙ୍କା ଦିଆଯିବା ସହ ସେମାନଙ୍କ ପାଇଁ ତାଲିମ ବ୍ୟବସ୍ଥା ମଧ୍ୟ ହେବ। ଆଇଆଇଟିର ତୋସାଲି ପ୍ଲାଜା କ୍ୟାମ୍ପସ୍‌ରେ ତାଲିମ ବ୍ୟବସ୍ଥା ହୋଇଛି। ଏଥିପାଇଁ ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୋମବାର ଏହି ସେଣ୍ଟର୍‌କୁ ଉଦ୍‌ଘାଟନ କରି ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାର କହିଛନ୍ତି। ଏହି ଉତ୍ସବରେ ପ୍ରଫେସର ଏସ୍. ରଏ, ପ୍ରଫେସର ଭି.ଆର. ପେଡିରେଡ୍ଡୀ, ପ୍ରଫେସର ଏସ୍.କେ. ମହାପାତ୍ର, ଡ. ଡି. ଗୁଣଶେଖରନ୍, ଆଇଆଇଟି କୁଳସଚିବ ଡି. ରଥ, ଉପ କୁଳସଚିବ ଏ. ବ୍ରାଭେ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଆଇଆଇଟି ପକ୍ଷରୁ ପ୍ରତିଷ୍ଠା ହେବାକୁ ଥିବା ଟେକ୍ନୋଲୋଜି ଇନ୍‌କ୍ୟୁବେଟର ପାଇଁ ଯୋଜନା ଚୂଡ଼ାନ୍ତ ହୋଇଛି। ଏଥିରେ ଆଇଆଇଟି ପ୍ରଫେସର ଏବଂ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇ ୪ଟି ଗ୍ରୁପ୍ କରାଯାଇଛି। ଖୁବ୍‌ଶୀଘ୍ର ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଇଆଇଟି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ନିର୍ଦ୍ଦେଶକ ପ୍ରଫେସର ଶ୍ରୀ ରାଜକୁମାରଙ୍କ କହିବାନୁଯାୟୀ, ଆଇଆଇଟିର ଜଟଣୀ କ୍ୟାମ୍ପସ୍‌ରେ ଏକ ଗବେଷଣା ଏବଂ ଉଦ୍ୟେଗୀ ପାର୍କ ପ୍ରତିଷ୍ଠା



କରିବାକୁ ଲକ୍ଷ୍ୟ ରଖାଯାଇଛି। ୭୫ କୋଟି ଟଙ୍କାରେ ଏହି ପାର୍କ ପ୍ରତିଷ୍ଠା ହେବ। ଏନେଇ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ନିକଟକୁ ଏକ ପ୍ରସ୍ତାବ ପଠାଯାଇଛି। ଅନୁମତି ମିଳିବା ପରେ କାର୍ଯ୍ୟ ଆରମ୍ଭ ହେବ। ଯୁବ ଉଦ୍ୟୋଗୀମାନେ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି।